# Akashvani, Sambalpur

## SAMBALPURI NEWS EVENING BULLETIN

## 24 july 2026-7.02- 7.12 pm.

---

୧- ଭକ୍ତିମୟ ପରିବେଶ୍ ଭିତ୍‌ରେ ଶ୍ରୀକ୍ଷେତ୍ର ପୁରୀ ନ ଚାଲିଛେ ମାହାପ୍ରଭୁଙ୍କର୍ ବାହୁଡ଼ା ଯାତ୍ରା ।

୨- ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ବରୋଧୀ ଦଲର୍ ସଦସ୍ୟମାନ୍‌କର୍ ହୋହଲ୍ଲା ଜାରି ରହେବାର୍‌ନୁ ସଂସଦ୍‌ର ଦୁହି ଗୃହ ଆଏବା ସୋମ୍‌ବାର୍‌ତକ୍ ହେଲା ମୁଲ୍‌ତବୀ ।

୩- ପ୍ରଶ୍ନପତ୍ର ପ୍ରଘଟ ମାମଲା ଆଉ ପରୀକ୍ଷା ସମିଆଥି ଅନିୟମିତତା ଅଟ୍‌କାବାର୍‌କେ ଫାଷ୍ଟ ଟ୍ରାକ୍ କୋର୍ଟ ଥାପ୍‌ନାକେ ନେଇକରି ଚିଠା ବିଲ୍‌କେ କେନ୍ଦ୍ର କେବିନେଟ୍‌ର ଅନୁମୋଦନ୍ ।

ଆଉର୍

୪- ରାଏଜେ ଶିଳ୍ପ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରଥି ନୂଆଁ ବିପ୍ଳବ୍‌ର ଶୁଭାରମ୍ଭ୍ ହେଇଛେ କହେଲେ ମୁଖ୍ୟମନ୍ତ୍ରୀ ।

- ଏଚସିଏଲ୍ ଟେକ୍ ଆଉ ସ୍ୱଦେଶୀ 'ସର୍ଭମ୍' ଏଆଇ ସାଙ୍ଗେ ସ୍ୱାକ୍ଷରିତ୍ ହେଲା ୨ ଟା ବୁଝାମଣାପତ୍ର ।

ବାହୁଡ଼ାଯାତ୍ରା          ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ବାହୁଡ଼ାଯାତ୍ରା ଭକ୍ତି ଆଉ ଶ୍ରଦ୍ଧାର୍ ସହେତେ ହେଉଛେ । ଶ୍ରୀଗୁଣ୍ଡିଚା ମନ୍ଦିର୍‌ନୁ ବାହାରିକରି ଶ୍ରୀବଳଭଦ୍ରଙ୍କର୍ ତାଳଧ୍ୱଜ ରଥ ସଞ୍ଜ୍‌ବେଲର୍ ସାଢ଼େ ୬ ବଜେତକ୍ ମାର୍କେଟ୍ ଛକ ତକ୍ ପୁହୁଁଚିଥିଲା । ସୁଭଦ୍ରାଙ୍କର୍ ଦର୍ପଦଳନ ରଥ ବଲଗଣ୍ଡି ଛକ ଆଉ ମାହାପୁରୁ ଶ୍ରୀ ଜଗନ୍ନାଥ୍ ଙ୍କର୍ ରଥ ବଡ଼ଶଙ୍ଖତକ୍ ପୁହୁଁଚିଥିଲା । ମାହାପୁରୁମାନେ ମାଉସୀ ଗୁଣ୍ଡିଚାଙ୍କର୍ ଠାନୁ ପୋଡ଼ପିଠା ଗ୍ରହଣ୍ କରିକରି ରଥଥି ଆଗ୍‌କେ ବଢ଼ି ଚାଲିଛନ୍ । ଆଉ କିଛି ସମିଆ ଉତ୍‌ରୁ ଶ୍ରୀନଅର ପାଖେ ଲକ୍ଷ୍ମୀ ନାରାୟଣଙ୍କର୍ ଭେଟ ହେବା ।

ଆଏଜ୍ ଧାରିଜ୍ ସମିଆ ଅନ୍‌ସାରେ ସବୁ ନୀତିକାନ୍ତି ହେଇଥିଲା । ଦିନର୍ ଅଢ଼େଇ ବଜେତକ୍ ଚତୁର୍ଦ୍ଧାମୂର୍ତିଙ୍କର୍ ପହଣ୍ଡି ସରିଥିଲା । ତାର୍ ଉତ୍‌ରୁ ରଥ ଉପର୍‌କେ ମଦନ୍ ମୋହନ୍ ଆର୍ ରାମକୃଷ୍ଣ ବିଜେ କରିଥିଲେ । ତାର୍‌ପରେ ମାହାପୁରୁଙ୍କର୍ ମଇଲମ ଆର୍ ବେଶ କରାଯାଇଥିଲା । ତାର୍‌ଉତ୍‌ରୁ ଗଜପତି ମହାରାଜ୍

ତିନ୍‌ହି ରଥ ନ ଛେରା ପହଁରା କରିଥିଲେ । ରଥ୍‌ମାନ୍‌କେ ଘୋଡ଼ା ଲାଗି କରାଯାଇଥିଲା ।

ଇତାର୍ ଆଘୋନୁ ଭୋର୍ ସମିଆଥି ଶ୍ରୀବିଗ୍ରହଙ୍କର୍ ନୀତିକାନ୍ତି ଧାରିଜ୍ ସମିଆଥି ପୁରା ହେଇଥିଲା । ଆଏବା କାଏଲ୍ ରଥ ଉପ୍‌ରେ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ସୁନାବେଶ ହେବା । ସୋମ୍‌ବାର୍ ଦିନ ନୀଳାଦ୍ରୀ ବିଜେ ହେବା ।

ବାହୁଡ଼ାଯାତ୍ରା-ଶୁଭେଚ୍ଛା ଆର୍‌ଏନ୍‌ୟୁ/ସମ୍ବଲପୁର

ବାହୁଡ଼ା ଯାତ୍ରା ଉଲ୍‌ଗୁନେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସେ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍, ମହାପ୍ରଭୁଙ୍କର୍ ଅପାର କୃପାନୁ ସମ୍‌କର୍ ଜୀବନ୍‌ଥି ସୁଖ୍ ଶାନ୍ତି ଆଉ ସମୃଦ୍ଧି ଭରିଯାଉ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ବାହୁଡ଼ା ଯାତ୍ରାର ଶୁଭେଚ୍ଛା ଜନେଇକରି ମାହାପୁରୁଙ୍କର୍ ଇ ଦିବ୍ୟ ଯାତ୍ରା ସାରା

ପୁର୍‌ଥିକେ ଭକ୍ତି, ଶାନ୍ତି, ପ୍ରେମ୍ ଆଉ ସମର୍ପଣ୍‌ର ବାର୍ତା ଦଉଛେ ବଲି କହିଛନ୍ ।

ବାହୁଡ଼ା ଯାତ୍ରା ଥି ଭକ୍ତମାନ୍‌କର୍ ଜବର୍ ଭିଡ଼୍‌କେ ନଜର୍‌ଥି ରଖିକରି ସୁରକ୍ଷା, ବଡ଼ଦାଣ୍ଡ ନ ଭିଡ଼ ନିୟନ୍ତ୍ରଣ୍, ରଥମାନ୍‌କର୍ ସୁରକ୍ଷା ଆଉ ଟ୍ରାଫିକ୍ ପରିଚାଲନା ଲାଗି ଜବର୍ ବ୍ୟବସ୍ଥା କରାଯାଇଛେ ।

ସେଆଡ଼େ ଆଏବା କାଏଲ୍ ମାହାପୁରୁମାନ୍‌କର୍ ସୁନାବେଶ ଅବ୍‌ସରେ ୧୫ ଲାଖ୍ ଭକ୍ତଙ୍କର୍ ସମାବେଶକେ ନଜର୍‌ଥି ରଖିକରି ପୁଲିସ୍ ପ୍ରଶାସନ୍ ତର୍‌ଫୁ ବ୍ୟାପକ୍ ବ୍ୟବସ୍ଥା କରାଯାଇଛେ ।

ବାହୁଡ଼ା ଯାତ୍ରା- ରାଜ୍ୟ ସମ୍ବଲପୁର/ସୁବର୍ଣ୍ଣପୁର୍/ ନୂଆପଡ଼ା

ସମ୍ବଲ୍‌ପୁର୍ ଜିଲ୍ଲାର୍ ଭିନ୍ ଭିନ୍ ସହର୍ ଆର୍ ଗାଁ ନ ଆଏଜ୍ ଶ୍ରୀଜଗନ୍ନାଥ, ବଳଭଦ୍ର ଆଉ ଦେବୀ ସୁଭଦ୍ରାଙ୍କର୍ ବାହୁଡ଼ା ରଥଯାତ୍ରା ଅନୁଷ୍ଠିତ୍ ହେଉଛେ ।

ଜିଲ୍ଲାର୍ ସମ୍ବଲ୍‌ପୁର୍, ରେଢ଼ାଖୋଲ୍ ଆର୍ କୁଚିଣ୍ଡାର୍ ୨ ଶହ ନୁ ଅଏତ୍‌କା ଜାଗା ନ ଥିବାର୍ ମନ୍ଦିର୍‌ମାନ୍‌କେ ବାହୁଡ଼ା ରଥଯାତ୍ରା କରାଯାଉଛେ । ସହରର୍ ୨୫ ଟା ଜାଗା ନ ଶ୍ରୀଗୁଣ୍ଡିଚା ମନ୍ଦିର୍‌ମାନ୍‌କର୍‌ନୁ ପହଣ୍ଡି ଉତ୍‌ରୁ ରଥାରୁଢ଼ ବିଗ୍ରହମାନେ ଭକ୍ତମାନ୍‌କୁ ଦର୍ଶନ୍ ଦେବାର୍ ଉତ୍‌ରୁ ରଥ୍‌ଘିଚା ମୁଲ୍ ହେଇଛେ । ଝାଡ୍ଡୁଆପଡ଼ାର୍ ଶ୍ରୀ ଶ୍ରୀ ବ୍ରହ୍ମପୁରା ମନ୍ଦିର୍ ନ ରଥଯାତ୍ରା ଉଲ୍‌ଗୁନେ ଆଏବାକାଏଲ୍ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ସୁନାବେଶ ଅନୁଷ୍ଠିତ୍ ହେବା ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ପାତାଲି ଶ୍ରୀକ୍ଷେତ୍ର ସହେତେ ମନ୍ଦିର୍‌ମାନ୍‌କେ ଆଏଜ୍ ତିନ୍‌ହି ମାହାପୁରୁଙ୍କର୍ ବାହୁଡ଼ାଯାତ୍ରା ଅନୁଷ୍ଠିତ୍ ହେଉଛେ । ଶ୍ରୀମନ୍ଦିର୍ ରୀତିନୀତି ଅନ୍‌ସାରେ କୋଟ୍‌ସମ୍‌ଲେଇର ତ୍ରିକୁଟ ପାହାଡ଼ ନ ଥିବାର୍ ମାଉସୀ ମା ମନ୍ଦିର୍‌ନୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇକରି ରଥାରୁଢ଼ କରାଯାଇଥିଲା । ଇଥି ହଜାର୍ ହଜାର୍ ଭକ୍ତ ମହାପ୍ରଭୁଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ଜଗନ୍ନାଥ ଗୁମ୍ଫା, ମାଧବ ଗୁମ୍ଫା ଆର୍ ଧ୍ୱନୀ ଗୁମ୍ଫା ନ ପୁହୁଁଚିଥିଲେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଦଧିବାମନ୍ ମନ୍ଦିର୍ ନ ଆଏଜ୍ ବାହୁଡ଼ା ଯାତ୍ରା ହେଇଯାଇଛେ । ଖଡ଼ିଆଲ୍ ନ ପହଣ୍ଡି ବିଜେ ସହେତେ ରାଜା ଦେବଦେବ ସିଂହଦେଓ ଛେରାପହଁରା କରିକରି

ଜଗନ୍ନାଥ୍ ମହାପ୍ରଭୁଙ୍କର ରଥରୁଢ଼ କରେଇଥିଲେ । ରଥଯାତ୍ରାଥି ଭକ୍ତମାନ୍‌କର୍ ଜବର୍ ଭିଡ଼୍ ଦେଖିବାର୍‌କେ ମିଲିଥିଲା ।

ସଂସଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଶ୍ନପତ୍ର ପ୍ରଘଟ୍ ସହେତେ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ଆଏଜ୍ ୫ ନମ୍ବର୍ ଦିନେ ସଂସଦ୍‌ର ଦୁହି ସଦନ୍ ନ ହୋହଲ୍ଲା ଜାରି ରହେବାର୍‌ନୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । ଇଥିର୍‌ଲାଗି ଲୋକ୍‌ସଭାକେ ସୋମ୍‌ବାର୍‌ତକ୍ ମୁଲ୍‌ତବୀ ରଖାଯାଇଛେ । ପହେଲା ମୁଲ୍‌ତବୀ ଉତ୍‌ରୁ ମଏଧାନର୍ ୧୨ ବଜେ ଲୋକ୍‌ସଭା ସମ୍ମିଳିତ୍ ହେବାର୍ ଉତ୍‌ରୁ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ, ପ୍ରଶ୍ନପତ୍ର ପ୍ରଘଟ୍ ଘଟ୍‌ନାଥି ପହେଲାଦିନୁ ସର୍‌କାର୍ ଆଲୋଚନା ଲାଗି ପ୍ରସ୍ତୁତ୍ ଅଛନ୍ । ହେଲେ ବିରୋଧୀ ଦଲ୍ କଂଗ୍ରେସ୍ ତର୍‌ଫୁ କେତେଟା ସର୍ତ ରଖାଯାଇଥିବାର୍‌ନୁ ଆଲୋଚନା ଆଗ୍‌କେ ବଢ଼ି ନାଇଁପାରି । ପ୍ରଶ୍ନପତ୍ର ପ୍ରଘଟ୍‌କେ

ଅଟ୍କାବାର୍ ଲାଗି କଠୋର୍ ଆଇନ୍ ଲାଗୁ କରାଯିବା ବଲି ପ୍ରଧାନ୍‌ମନ୍ତ୍ରୀ କହିଥିବାର୍ ଶ୍ରୀ ରିଜିଜୁ କହିଛନ୍ ।

ରାଜ୍ୟସଭା ନ ଭିଲ୍ ସମାନ୍ ପରିସ୍ଥିତି ଦେଖିବାର୍‌କେ ମିଳିଥିଲା । ପହେଲା ମୁଲ୍‌ତବୀ ଉତ୍‌ରୁ ମଏଧାନର୍ ୧୨ ବଜେ ଗୃହକାର୍ଯ୍ୟ ସ୍ୱାଭାବିକ୍ କରିକରି ପ୍ରଶ୍ନୋତର୍ କାଳ ମୁଲ୍ କର୍‌ବାର୍ ଲାଗି ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ଚେଷ୍ଟା କରିଥିଲେ ଭିଲ୍ ବିରୋଧୀ ସଦସ୍ୟମାନେ ହୋହଲ୍ଲା କରିଥିଲେ । ହେଥିର୍‌ଲାଗି ଗୃହକେ ଦୁଇପହରର୍ ୨ ବଜେ ତକ୍ ମୁଲ୍‌ତବୀ ଘୋଷ୍‌ନା କରାଯାଇଥିଲା । ଫେର୍‌ଘାଏ ଗୃହକାର୍ଯ୍ୟ ମୁଲ୍ ହେବାର୍‌ଖିନ୍ ସର୍‌କାର୍‌ଙ୍କର୍ ଗୃହରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ବନ୍ଦେ ମାତରମ୍ ବିଲ୍-୨୦୨୬ ଆଗତ୍ କରିଛନ୍ । ତାର୍ ଉତ୍‌ରୁ ସମାନ୍ ପରିସ୍ଥିତି ଲାଗି ରହେବାର୍‌ନୁ ରାଜ୍ୟସଭା ନ ଭିଲ୍ ଆଏବା ସୋମ୍‌ବାର୍‌ତକ୍ ମୁଲ୍‌ତବୀ ଘୋଷ୍‌ନା କରାଯାଇଛେ ।

ପିଏମ୍-ଫାଷ୍ଟଟ୍ରାକ୍ କୋର୍ଟ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କ୍ୟାବିନେଟ୍ ବୈଠକଥି ଆଏଜ୍ ପ୍ରଶ୍ନପତ୍ର ପ୍ରଘଟ ମାମଲା

ଆଉ ପରୀକ୍ଷା ସମୟରେ ଅନିୟମିତତା ଅଟକାବାରକେ କଡ଼ା ଦଣ୍ଡବିଧାନ ଲାଗି ଫାଷ୍ଟ ଟ୍ରାକ୍ କୋର୍ଟ ଥାପ୍‌ନାକେ ନେଇକରି ଚିଠା ବିଲ୍‌କେ ଅନୁମୋଦନ୍ ମିଲିଛେ । ଆଏବା ହପ୍ତାରେ ଇ ବିଲ୍‌କେ ସଂସଦ ନ ଆଗତ୍ କରାଯିବା । ଗଲାକାଏଲ୍ ପ୍ରଧାନମନ୍ତ୍ରୀ ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗରେ କଡ଼ା ଆଇନ୍ ଆସ୍‌ବା ବଲି ଭିଡିଓ ବାର୍ତ୍ତାରେ ସୂଚନା ଦେଇଥିଲେ ।

କ୍ୟାବିନେଟ୍‌ର ଅଲ୍‌ଗା ନିଷ୍ପତି ବାବ୍‌ଦେ କେନ୍ଦ୍ର ସୂଚନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍, ଦେଶେ ୩ ଟା ରାସାୟନିକ ପାର୍କ ପ୍ରତିଷ୍ଠା ଲାଗି ଭାରତ୍ ‘ଔଦ୍ୟୋଗିକ ବିକାଶ ଯୋଜନା ରସାୟନ-ଭବ୍ୟ ରସାୟନ ଯୋଜନା’କେ ଅନୁମୋଦନ୍ ମିଲିଛେ । ଇ ଯୋଜ୍‌ନା ଲାଗି ମୋଟ୍ ୩ ହଜାର ୩୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛେ । ଇ ଯୋଜନା ୨୦୨୬-୨୭ ନୁ ୨୦୩୦-୩୧ ଆର୍ଥିକବଛର୍ ତକ୍ କାର୍ଯ୍ୟକାରୀ ହେବା ବଲି ଶ୍ରୀ ବୈଷ୍ଣବ କହିଛନ୍ ।

ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଶିଳ୍ପ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରଥି ନୂଆଁ ବିପ୍ଳବ୍‌ର ଶୁଭାରମ୍ଭ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଭୁବନେଶ୍ୱର ଲୋକସେବା ଭବନ ନ ଆଏଜ୍ ଏଚସିଏଲ୍ ଟେକ୍ ଆଉ ସ୍ୱଦେଶୀ 'ସର୍ଭମ୍' ଏଆଇ ସାଙ୍ଗେ ୨ ଟା ବୁଝାମଣାପତ୍ର ସ୍ୱାକ୍ଷରିତ ହେଇଛେ । ଇ ଅବସରେ ମୁଖ୍ୟମନ୍ତ୍ରୀ କହିଛନ୍, ଇତାର୍ ଜରିଏ ପ୍ରଯୁକ୍ତିବିଦ୍ୟା ଆଧାରିତ ଆର୍ଥିକ ଅଭିବୃଦ୍ଧି ବର୍‌କସ୍ ହେବା । ଏଚ୍‌ସିଏଲ୍ ଟେକ୍ କମ୍ପାନୀ ରାଏଜେ ୭ ଶହ ୩୦ କୋଟି ଟଙ୍କା ପୁଞ୍ଜିନିବେଶ କର୍‌ବା । ଇଥିର୍‌ଲାଗି ୬ ହଜାରନୁ ଅଏତ୍‌କା କୁଶଳୀ ଯୁଆନ୍ ପିଲା ଟୁକେଲ୍‌ଙ୍କୁ ସିଧାସଳ୍‌ଖ ନିଯୁକ୍ତି ସୁଯୋଗ ମିଳ୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ତି....

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସୂଚ୍‌ନା ଅନ୍‌ସାରେ, ଏଚସିଏଲ୍ ଟେକ୍ ରାଏଜେ ଗୁଟେ ଡେଭଲେପମେଂଟ ସେଂଟର ପ୍ରତିଷ୍ଠା କର୍‌ବା । ଇତାର୍ ଜରିଏ ଆଇଟି ଇକୋସିଷ୍ଟମ୍ ବର୍‌କସ୍ ହେବା । ସେନ୍ତା ସର୍ଭମ ଏଆଇ ରାଏଜେ ଏଆଇ ଅପ୍‌ଟିମାଇଜ୍ ଡାଟା ସେଂଟର ପ୍ରତିଷ୍ଠା କର୍‌ବା । ଇ ଦୁହି ପ୍ରକଳ୍ପ ଲାଗି ଆଏବା ୫ ବଛର୍ ଭିତ୍‌ରେ ୧୫ ହଜାର କୋଟି ଟଙ୍କା ଖର୍ଚ୍ଚା କରାଯିବା ।

ମନ୍ କି ବାତ୍         ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ଭାବ୍ ଦିଆନିଆ କର୍ବେ । ଇଟା ତାଙ୍କର୍ ଶହେ ୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଆୟକର ଦିବସ          ଆର୍ଏନ୍ୟୁ/ ସମ୍ବଲପୁର

ଦେଶର ଅର୍ଥନୀତି ଆଉ ବିକାଶ୍ ପ୍ରକ୍ରିୟାଥି ଆୟକରର୍ ଗୁରୁତ୍ୱପୂର୍ଣ୍ଣ ଅବଦାନ୍ ବାବ୍‌ଦେ ସଚେତନତା ବଢ଼ାବାର୍ ଉଦ୍ଦେଶ୍‌ଥି ଆଏଜ୍ ଜାତୀୟ ଆୟକର୍ ଦିବସ୍ ପାଲନ୍ କରାଯାଉଛେ । ୨୦୧୦ ମସିହାନୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ଼୍ ତର୍‌ଫୁ ଇ ଦିବସ୍‌କେ ଆନୁଷ୍ଠାନିକ୍ ଭାବେ ପାଲନ୍ କରାଯାଉଛେ । ଆୟକର ରାଷ୍ଟ୍ରନିର୍ମାଣ୍‌ର ଗୁଟେ ସଶକ୍ତ ଭିତିଭୂମି । ସବୁ ନିଷ୍ଠାପର କରଦାତାଙ୍କର୍ ଅବଦାନ୍ ଦେଶର୍ ବିକାଶ୍, ଜନକଲ୍ୟାଣ୍, ଭିତିଭୂମି ଆଉ ଆତ୍ମନିର୍ଭର୍ ଭାରତ୍ ସଂକଳ୍ପକେ ନୂଆଁ ଦିଗ୍ ଦେସି । ସମିଆ ସହେତେ ଦେଶର୍ ଆୟକର୍ ବ୍ୟବସ୍ଥା ଭିଲ୍ ଅଏତ୍‌କା ସ୍ୱଚ୍ଛ, ସରଲ୍ ଆଉ ଡିଜିଟାଲ୍ ହେଇପାରିଛେ । ଇ - ଫାଇଲିଂ ଅନ୍‌ଲାଇନ୍ ରିଫଣ୍ଡ, ପେନ୍ ଆଧାର୍ ସଂଯୋଗ୍ ବାଗିର୍ ବ୍ୟବସ୍ଥା, କରଦାତାଙ୍କର୍ ଲାଗି ପ୍ରକ୍ରିୟାକେ ଆହୁରି ସହଜ୍ କରିଛେ । ଆଝିର୍ ଦିନେ ଭିନ୍ ଭିନ୍ ଜାଗା ନ ସଚେତନା କାର୍ଯ୍ୟକ୍ରମ୍ କର୍ମଶାଳାର୍ ଆୟୋଜନ୍ କରାଯାଉଛେ ।